# ପୋଷ୍ୟ ସନ୍ତାନ ଗ୍ରହଣ କରିବାକୁ ଚାହୁଁଛନ୍ତି କି ?





## ବସୁନ୍ଧରା

ବିଡ଼ାନାସୀ, ପୋ.ଅ.: ଅଭିନବ ବିଡ଼ାନାସୀ
କଟକ-୭୫୩ ୦୧୪, ଓଡ଼ିଶା
ଦୂରଭାଷ : ୦୬୭୧-୨୬୦୩୧୭୮, ୨୬୦୪୮୯୨
ଇ.ମେଲ : basundhara@satyam.net.in



## ପୋଷ୍ୟ ସନ୍ତାନ ଗ୍ରହଣ କରିବାକୁ ଚାହୁଁଛନ୍ତି କି ?

ଏମିତି ଅନେକ ଦମ୍ପତ୍ତି ଅଛନ୍ତି, ଯେଉଁମାନେ କି ସନ୍ତାନର ଜନକ-ଜନନୀ ହେବାର ସୌଭାଗ୍ୟ ପାଇ ନାହାଁନ୍ତି । ସେଥିପାଇଁ ସବୁବେଳେ ଏକ ଅଭାବବୋଧ ଭିତରେ ବଞ୍ଚିଥାଆନ୍ତି ସେମାନେ । ମାତ୍ର ଅନ୍ୟ ସବୁ ଦୃଷ୍ଟିରୁ ଯଦି ସମର୍ଥ, ତେବେ ପୋଷ୍ୟ କନ୍ୟା ବା ପୁତ୍ର ଗ୍ରହଣ କରିବାରେ ଅସୁବିଧା କେଉଁଠି ?

ଆପଣ ମଧ୍ୟ ପରିବାରଟିଏ ଗଢ଼ିପାରିବେ । ମନ ପସନ୍ଦର ଶିଶୁଟିଏ ନେଇ ଶୂନ୍ୟ କୋଳକୁ ପୂର୍ଣ୍ଣକରି ଆନନ୍ଦରେ ସୁଖର ସଂସାର କରିପାରିବେ । କୃତ୍ରିମ ଉପାୟରେ ସନ୍ତାନ ସୃଷ୍ଟି କରିବା ବ୍ୟୟସାପେକ୍ଷ, କଷ୍ଟଦାୟକ ଏବଂ ଅନିଶ୍ଚିତ । ତେଣୁ ସହଜ ଓ ସରଳ ଉପାୟରେ ଆଇନଗତ ପଦ୍ଧତି ମାଧ୍ୟମରେ ପୋଷ୍ୟ ସନ୍ତାନ ଗ୍ରହଣ କରନ୍ତୁ ଓ ନିରାପଦ ଜୀବନ ବିତାନ୍ତୁ ।

## କେଉଁ ସ୍ଥାନରୁ ଆପଣ ପୋଷ୍ୟ ସନ୍ତାନ ଗ୍ରହଣ କରିପାରିବେ ?

ପୋଷ୍ୟ ସନ୍ତାନ ଗ୍ରହଣ ପାଇଁ ଆଗ୍ରହୀ ପିତା-ମାତା ବା ବ୍ୟକ୍ତିମାନେ ରାଜ୍ୟ ବା କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଯେ କୌଣସି ଶିଶୁ ଥଇଥାନକାରୀ ସଂସ୍ଥା କିମ୍ବା ପୋଷ୍ୟ ସନ୍ତାନ ଗ୍ରହଣ-ଯୋଗାଯୋଗକାରୀ ସଂସ୍ଥା (ACA) ସହ ଯୋଗାଯୋଗ କରିପାରିବେ । ତା ଛଡ଼ା ରାଜ୍ୟ ସରକାରଙ୍କର ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନସ୍ଥ ''ପୋଷ୍ୟ ସନ୍ତାନ ଗ୍ରହଣ ପ୍ରକୋଷ୍ଠ'' (Adoption Cell) ଏବଂ କେନ୍ଦ୍ର ସରକାରଙ୍କ ତରଫରୁ କାର୍ଯ୍ୟ କରୁଥିବା କେନ୍ଦ୍ରୀୟ ପୋଷ୍ୟସନ୍ତାନ ଗ୍ରହଣ ସମ୍ବଳ କର୍ତ୍ତୃପକ୍ଷ (Central Adoption Resource Authority (CARA), ପୋଷ୍ୟ ସନ୍ତାନ ଗ୍ରହଣ କରିବା ପାଇଁ ଇଚ୍ଛୁକ ଦମ୍ପତ୍ତିମାନଙ୍କୁ ସବୁ ପ୍ରକାର ସାହାଯ୍ୟ ସୁବିଧା ଯୋଗାଇ ଦେଉଛନ୍ତି ।

## କେଉଁମାନେ ପୋଷ୍ୟସନ୍ତାନ ଗ୍ରହଣ କରିପାରିବେ ?



- ଏକ ସୁନ୍ଦର ଆନନ୍ଦମୟ ପରିବାର ମଧ୍ୟରେ ଶିଶୁଟିକୁ ଆଦର, ମମତା ଓ ସ୍ନେହପୂର୍ଣ୍ଣ ବାତାବରଣ ମଧ୍ୟରେ ଲାଳନପାଳନ କରିବାକୁ ଆଗ୍ରହୀ ଥିବା ଏକ ଦମ୍ପତ୍ତି ପୋଷ୍ୟ ସନ୍ତାନ ଗ୍ରହଣ କରିପାରିବେ ।
- ବିବାହ କରି ନଥିବା, ଆଇନଗତଭାବେ ଛାଡ଼ପତ୍ର ପାଇଥିବା ଏବଂ ବିଧବା

ମହିଳା (୨୫ ରୁ ୪୫ ବର୍ଷ ମଧ୍ୟରେ) ମଧ୍ୟ ପୋଷ୍ୟ ସନ୍ତାନ ଗ୍ରହଣ କରିପାରିବେ ।

- ପୋଷ୍ୟ ସନ୍ତାନ ଗ୍ରହଣ କରୁଥିବା ପିତାମାତାଙ୍କର ଏକ ନିୟମିତ ଆୟର ସୂତ୍ର ଥିବ, ଯାହାକି ଶିଶୁଟିର ଆବଶ୍ୟକତାକୁ ପୂରଣ କରିପାରିବ ।
- ପିତାମାତାଙ୍କ ମଧ୍ୟର କାହାର ବଡ଼ ଧରଣର ଅସୁସ୍ଥତା ନଥିବ, ଯାହାକି ଶିଶୁର ଲାଳନ ପାଳନରେ ପ୍ରତିବନ୍ଧକ ସୃଷ୍ଟି କରିବ ।
- ପିତାମାତାଙ୍କ ମଧ୍ୟରୁ କାହାର ନାମରେ ଅପରାଧ ରେକର୍ଡ଼ ନଥିବ ।
- ପୋଷ୍ୟ ସନ୍ତାନ ଗ୍ରହଣ କରୁଥିବା ପିତାମାତାଙ୍କର ମିଳିତ ବୟସ ୯୦ ବର୍ଷରୁ ଊର୍ଦ୍ଧ୍ୱ ହୋଇ ନଥିବ ।
- ସନ୍ତାନ ଗ୍ରହଣ କରୁଥିବା ପିତାମାତା ଏବଂ ପୋଷ୍ୟ ସନ୍ତାନର ବୟସର ତାରତମ୍ୟ ସର୍ବନିମ୍ନ ୨୧ ବର୍ଷ ହୋଇଥିବ ।



## ପୋଷ୍ୟ ସନ୍ତାନ ଗ୍ରହଣ ସମ୍ବନ୍ଧୀୟ ଆଇନ୍ :-

ପୋଷ୍ୟ ସନ୍ତାନ ଗ୍ରହଣ ପଦ୍ଧତି ଏକ ଆଇନଗତ ବ୍ୟବସ୍ଥା :

୧। **ହିନ୍ଦୁ ପୋଷ୍ୟ ସନ୍ତାନ ଗ୍ରହଣ ଏବଂ ଭରଣପୋଷଣ ଅଧିନିୟମ-୧୯୫୬ (Hindu Adoption & Maintenance Act-1956) :** ହିନ୍ଦୁ (ବୌଦ୍ଧ, ଜୈନ ଓ ଶିଖ)ମାନଙ୍କ କ୍ଷେତ୍ରରେ ହିନ୍ଦୁ ପୋଷ୍ୟ ସନ୍ତାନ ଗ୍ରହଣ ଓ ଭରଣ ପୋଷଣ ଅଧିନିୟମ-୧୯୫୬ ଅନୁସାରେ ସମ୍ପାଦିତ ହୋଇଥାଏ । ଏହି ନିୟମ ଅନୁସାରେ ପୁଅଟିଏ ଥିଲେ ଆପଣ ଝିଅଟିଏ ନେଇପାରିବେ ବା ଝିଅଟିଏ ଥିଲେ ପୁଅଟିଏ ନେଇପାରିବେ ।

୨। **ତତ୍ତ୍ୱାବଧାରକ ଓ ପ୍ରତିପାଲ୍ୟ ଅଧିନିୟମ-୧୮୯୦ (Guardians & Wards Act-1890) :**
ଯେଉଁମାନେ ଅଣହିନ୍ଦୁ ଯଥା- ମୁସଲମାନ, ଖ୍ରୀଷ୍ଟିୟାନ, ଜୋରାଷ୍ଟ୍ରିଆନ, ପାର୍ସୀ ସେମାନେ ଏହି ଆଇନ ବଳରେ ପିଲାର ଅଭିଭାବକ ହିସାବରେ ପିଲାକୁ ଗ୍ରହଣ କରିପାରିବେ । ପୁଅ ଥିଲେ, ପୁଅ ନେଇପାରିବେ ବା ଝିଅ ଥିଲେ ମଧ୍ୟ ଝିଅ ନେଇପାରିବେ । କିନ୍ତୁ ଏହି ଆଇନ ବଳରେ ପରିବାରରେ ପ୍ରତିପାଳିତ ହେଉଥିବା ଶିଶୁ ତାର ପିତାମାତାଙ୍କଠାରୁ କୌଣସି ଉତ୍ତରାଧିକାର ସୂତ୍ରରେ ଅଧିକାର ସାବ୍ୟସ୍ତ କରିପାରିବ ନାହିଁ ।

୩। **କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ-୨୦୦୦ (Juvenile Justice (Care & Protection) Act-2000 :**
ଏହା ଏକ ଧର୍ମ ନିରପେକ୍ଷ ଆଇନ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଏହି "କିଶୋର ନ୍ୟାୟ ଆଇନ ୨୦୦୦" ବଳରେ ଜଣେ ଦମ୍ପତି/ପୁରୁଷ/ମହିଳା ଶିଶୁଟିଏ ପୋଷ୍ୟ ସନ୍ତାନ ରୂପେ ଗ୍ରହଣ କରିପାରିବେ ।

## ପୋଷ୍ୟ ସନ୍ତାନ ଗ୍ରହଣ ପାଇଁ ଆବଶ୍ୟକୀୟ ପ୍ରମାଣପତ୍ର :

କୌଣସି ଏକ ସ୍ୱୀକୃତିପ୍ରାପ୍ତ ପୋଷ୍ୟ ସନ୍ତାନ ପ୍ରଦାନକାରୀ ସଂସ୍ଥା (Licenced Adoption Placement Agency) ସହ ନିଜକୁ ପଞ୍ଜିକୃତ କରାଇନେବା ସହ ନିମ୍ନଲିଖିତ ପ୍ରମାଣପତ୍ର ଦାଖଲ କରିବାକୁ ପଡ଼ିବ ।

୧। ବୟସର ପ୍ରମାଣପତ୍ର (ସ୍ୱାମୀ ବା ସ୍ତ୍ରୀ ଉଭୟଙ୍କର ୪୫ ବର୍ଷରୁ ଊର୍ଦ୍ଧ୍ୱ ହୋଇ ନଥିବ) ।

୨। ବିବାହର ପ୍ରମାଣ : ନିମନ୍ତ୍ରଣ ପତ୍ର / ବିବାହର ଫଟୋ ବା ବିବାହ ସମ୍ବନ୍ଧୀୟ ସତ୍ୟପାଠ ବା ବିବାହ ପଞ୍ଜିକୃତ ହୋଇଥିଲେ ଏ ସମ୍ବନ୍ଧୀୟ ପ୍ରମାଣପତ୍ର ।

୩। ମାସିକ ଆୟର ପ୍ରମାଣ ପତ୍ର / ଆୟକର ପୈଠର ନକଲ ।

୪। ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ ପତ୍ର ।

୫। ସ୍ୱୀକୃତି ପ୍ରାପ୍ତ ଡାକ୍ତରଙ୍କ ଠାରୁ ବନ୍ଧ୍ୟାତ୍ୱର ପ୍ରମାଣ ପତ୍ର ବା ସନ୍ତାନ ନ ହେବାର କାରଣ ସମ୍ବନ୍ଧୀୟ ପ୍ରମାଣ ପତ୍ର (ଯଦି ଆବଶ୍ୟକ ପଡ଼େ) ।

୬। ସ୍ୱୀକୃତିପ୍ରାପ୍ତ ଡାକ୍ତରଙ୍କଠାରୁ ମାନସିକ ଓ ଶାରୀରିକ ସୁସ୍ଥତା ସମ୍ପର୍କୀୟ ପ୍ରମାଣ ପତ୍ର ।

୭। ବୀମା, କୋଠାବାଡ଼ି, ବ୍ୟାଙ୍କ ବାଲାନ୍ସ ବା ଭୂ-ସମ୍ପତ୍ତି ଯଦି କିଛିଥାଏ, ତାହାର ତାଲିକା ।

୮। ଆପଣଙ୍କ ଓ ଆପଣଙ୍କ ସ୍ତ୍ରୀଙ୍କୁ ଜାଣିଥିବା ୨ ଜଣ ବିଶିଷ୍ଟ ବ୍ୟକ୍ତିଙ୍କଠାରୁ ସୁପାରିଶ ପତ୍ର ।

୯। ସ୍ୱାମୀ ଓ ସ୍ତ୍ରୀଙ୍କ ଅଲଗା ଅଲଗା ପାସପୋର୍ଟ ଆକାର ଫଟୋ (ପ୍ରତ୍ୟେକ ୪ କପି) ଏବଂ ଯୁଗ୍ମ ଫଟୋ (୪ କପି) ପୋଷ୍ଟକାର୍ଡ଼ ଆକାର ।

୧୦। ଯଦି ଆପଣଙ୍କର ଜନ୍ମିତ କିମ୍ବା ପୋଷ୍ୟକନ୍ୟା ବା ପୁତ୍ର ଥାଆନ୍ତି ଏବଂ ତାଙ୍କର ବୟସ ୬ ବର୍ଷରୁ ଊର୍ଦ୍ଧ୍ୱ ହୋଇଥାଏ ତାଙ୍କର ମତାମତ ପତ୍ର ।

୧୧। ଯଦି ପୂର୍ବରୁ ପୋଷ୍ୟ ସନ୍ତାନ ଗ୍ରହଣ କରିଥାନ୍ତି, ତେବେ ତତ୍ ସମ୍ବନ୍ଧୀୟ କୋର୍ଟ ରାୟର ପ୍ରମାଣ ପତ୍ର (ଯଦି ଆବଶ୍ୟକ ପଡ଼େ) ।

(ଉପରୋକ୍ତ ପ୍ରତ୍ୟେକ ଦଲିଲ୍‌ର ୪କିତା ନକଲ ଦେବାକୁ ହୁଏ)

## ଯୋଗାଯୋଗ :

ଆପଣଙ୍କ ଶୂନ୍ୟ ପରିବାରକୁ ପୂର୍ଣ୍ଣ କରିବା ପାଇଁ ଶିଶୁଟିଏ ଅପେକ୍ଷା କରିଛି ଏଠାରେ :-



## ଯୋଗାଯୋଗ କରନ୍ତୁ :


# ବସୁନ୍ଧରା

ବିଡ଼ାନାସୀ, ପୋ.ଅ.: ଅଭିନବ ବିଡ଼ାନାସୀ
କଟକ-୭୫୩ ୦୧୪, ଓଡ଼ିଶା
ଦୂରଭାଷ : ୦୬୭୧-୨୬୦୩୧୭୮, ୨୬୦୪୮୯୨
ଇ.ମେଲ : basundhara@satyam.net.in